# NATIONAL NEWS BULLETIN (ODIA)
## 1 June - 2025
## Morning Bulletin : 7.15 A.M.

*********************************************

## ମୁଖ୍ୟ ସମ୍ବାଦ

- ସମଗ୍ର ଦେଶରେ ଆଜି ପାଳନ କରାଯାଉଛି ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକଲର ୨୫ତମ ସଂସ୍କରଣ ।
- ପହଲଗାମ ଆତଙ୍କବାଦୀ ଆକ୍ରମଣ ଭାରତର ମହିଳା ଶକ୍ତି ପାଇଁ ଏକ ଆହ୍ୱାନ ଥିଲା - କହିଛନ୍ତି ପ୍ରଧାନମନ୍ତ୍ରୀ ।
- କୃଷକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବିକଶିତ କୃଷି ସଂକଳ୍ପ ଅଭିଯାନ - କହିଲେ କେନ୍ଦ୍ର କୃଷି ମନ୍ତ୍ରୀ ।
- ଭାରତର ଆତଙ୍କବାଦ ବିରୋଧୀ ଆଭିମୁଖ୍ୟ ନେଇ ବିଭିନ୍ନ ଦେଶ ଗସ୍ତ କରୁଛନ୍ତି ୭ଟି ବହୁଦଳୀୟ ସଂସଦୀୟ ପ୍ରତିନିଧି ଦଳ ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଯୋଗ୍ୟତା ପର୍ଯ୍ୟାୟର ଦ୍ୱିତୀୟ ମ୍ୟାଚ୍‌ରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଏବଂ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ହେବ ମୁକାବିଲା ।

# ଫିଟ୍ ଇଣ୍ଡିଆ

**ଫିଟ୍ ଇଣ୍ଡିଆ ସଣ୍ଡେଜ୍ ଅନ୍ ସାଇକେଲ୍** ଅଭିଯାନର ୨୫ତମ ସଂସ୍କରଣ ଆଜି ସମଗ୍ର ଦେଶରେ ପାଳନ କରାଯାଉଛି । ସ୍ୱତନ୍ତ୍ର ତ୍ରିରଙ୍ଗା ଶୋଭାଯାତ୍ରା ଭାବେ ଏହାକୁ ପାଳନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି । ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ନୂଆଦିଲ୍ଲୀ ଠାରେ ଏହି ସଂସ୍କରଣର ନେତୃତ୍ୱ ନେବେ । ଏଥିରେ କ୍ରୀଡ଼ା ତଥା ମନୋରଂଜନ ଜଗତର ବହୁ ପ୍ରମୁଖ ବ୍ୟକ୍ତିତ୍ୱ ଅଂଶଗ୍ରହଣ କରିବେ । ସେମାନଙ୍କ ମଧ୍ୟରେ ଅଲିମ୍ପିକ୍ ପଦକ ବିଜେତା ଯୋଗେଶ୍ୱର ଦତ୍ତ, ଆନ୍ତର୍ଜାତିକ ମଲ୍ଲ ଯୋଦ୍ଧା ସରିତା ମୋର, ଅଭିନେତ୍ରୀ ସର୍ଭରୀ ଏବଂ ପୂର୍ବତନ କ୍ରିକେଟର ତଥା ଚୟନକର୍ତ୍ତା ସବା କରିମ ରହିଛନ୍ତି । ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ କହିଛି, ଆସନ୍ତା ୩ ତାରିଖରେ ବିଶ୍ୱ ସାଇକେଲ୍ ଦିବସ ପାଳନ ପାଇଁ ସ୍ଥିର କରାଯାଇଛି । ତେବେ ଆଜିର କାର୍ଯ୍ୟକ୍ରମ ସୁସ୍ଥ ଜୀବନଶୈଳୀ ଶୀର୍ଷକ ବାର୍ତ୍ତା ପ୍ରଚାର କରିବା ସହ ଭାରତୀୟ ସଶସ୍ତ୍ର ବାହିନୀ ପ୍ରତି ସାମୁହିକ ଦାୟିତ୍ୱବୋଧର ବାର୍ତ୍ତା ପ୍ରଦାନ କରିବ । ଏହି କାର୍ଯ୍ୟକ୍ରମରେ ପାଖାପାଖି ୧୨୦୦ ସାଇକେଲ୍ ଚାଳକ ଅଂଶଗ୍ରହଣ କରିବେ । ସମଗ୍ର ଦେଶରେ ୨ହଜାରରୁ ଅଧିକ ସ୍ଥାନରେ ଏଭଳି କାର୍ଯ୍ୟକ୍ରମ

ଆୟୋଜନ କରାଯିବା ନେଇ ପଦକ୍ଷେପ ନିଆଯାଇଛି ବୋଲି ମନ୍ତ୍ରଣାଳୟ କହିଛି ।

## ପିଏମ୍-ଏମ୍ପି ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ପହଲଗାମ ଆତଙ୍କବାଦୀ ଆକ୍ରମଣ ଭାରତର ମହିଳା ଶକ୍ତି ପାଇଁ ଏକ ଆହ୍ୱାନ ଥିଲା । ମଧ୍ୟପ୍ରଦେଶର ଭୋପାଳ ସ୍ଥିତ ଜମ୍ବୁରୀ ମଇଦାନ ଠାରେ ଲୋକମାତା ଦେବୀ ଅହିଲ୍ୟା ବାଈଙ୍କ ୩୦୦ତମ ଜନ୍ମ ବାର୍ଷିକୀ ଅବସରରେ ମହିଳା ସଶକ୍ତିକରଣ ମହା ସମ୍ମିଳନୀକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ଇନ୍ଦୋର ମେଟ୍ରୋ ଏବଂ ସତନାଦାତିଆ ବିମାନ ବନ୍ଦରର ଉଦ୍‌ଘାଟନ କରାଯାଇଛି । ମଧ୍ୟପ୍ରଦେଶରେ ଏହିସବୁ ପ୍ରକଳ୍ପ ସୁବିଧା ସୁଯୋଗକୁ ସୁବ୍ୟବସ୍ଥିତ କରିବା ସହ ବିକାଶକୁ ଅଧିକ ତ୍ୱରାନ୍ୱିତ କରିବ । ନିଯୁକ୍ତି କ୍ଷେତ୍ର ମଧ୍ୟ ଗତିଶୀଳ ହେବ ବୋଲି ସେ କହିଛନ୍ତି ।

## ଶିବରାଜ ଅଭିଯାନ

ବିକଶିତ କୃଷି ସଂକଳ୍ପ ଅଭିଯାନ କେବଳ ଏକ ସରକାରୀ ଯୋଜନାର ପ୍ରଚାର ନୁହେଁ ବରଂ କୃଷକମାନଙ୍କୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେବା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି । ବିଭିନ୍ନ ରାଜ୍ୟର ନିର୍ବାଚିତ ପ୍ରତିନିଧିମାନଙ୍କ ସହ ଆଭାସୀ ଜରିଆରେ ଆଲୋଚନା କରି ମନ୍ତ୍ରୀ ଶ୍ରୀ ଚୌହ୍ୱାନ କହିଛନ୍ତି ବିକଶିତ କୃଷି ସଂକଳ୍ପ ଅଭିଯାନରେ କେତେକ ପ୍ରମୁଖ

ପ୍ରସଙ୍ଗକୁ ନେଇ କୃଷକମାନଙ୍କ ସହ ଆଲୋଚନା କରାଯାଉଛି ଏବଂ ବିଶେଷଜ୍ଞମାନେ ସେମାନଙ୍କ ପ୍ରଶ୍ନର ଉତ୍ତର ଦେଉଛନ୍ତି ।

ଶ୍ରୀ ଚୌହ୍ୱାନ କହିଛନ୍ତି ଆସନ୍ତା ଖରିଫ ବିପଣନ ଋତୁରେ କୃଷକମାନଙ୍କୁ ଏହି ଅଭିଯାନ ଅନ୍ତର୍ଗତ ଆଲୋଚନା, ପର୍ଯ୍ୟାଲୋଚନାର ଲାଭ ମିଳିପାରିବ । କୃଷକମାନଙ୍କୁ କୃଷି ବୈଜ୍ଞାନିକମାନଙ୍କ ସହ ଆଲୋଚନା କରିବା, ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଯୋଗଦେବାକୁ ନିର୍ବାଚିତ ଲୋକପ୍ରତିନିଧିମାନେ ଉତ୍ସାହିତ କରିବା ଲାଗି କେନ୍ଦ୍ର କୃଷିମନ୍ତ୍ରୀ ଆହ୍ୱାନ ଦେଇଛନ୍ତି । ସେ କହିଛନ୍ତି ଗୋଟିଏ ଦେଶ, ଗୋଟିଏ କୃଷି ଏବଂ ଗୋଟିଏ ଦଳର ବାର୍ତ୍ତା ନେଇ ବିକଶିତ ଭାରତ ୨୦୪୭ ନିମନ୍ତେ କୃଷକ ଓ ହିତାଧିକାରୀମାନେ ଏକତ୍ର ହେଉଛନ୍ତି ।

ଏହି ଅଭିଯାନରେ ୨ହଜାର ୧୭୦ଟି ଦଳ ୪ହଜାର ୪୧୬ଟି ଗ୍ରାମ ପରିଦର୍ଶନ କରି ୭ଲକ୍ଷ ୯୫ହଜାରରୁ ଅଧିକ କୃଷକମାନଙ୍କ ସହ ଆଲୋଚନା କରିଛନ୍ତି ।

## ଏନ୍‌ଆଇଏ-ସର୍ଚ୍ଚ ଅପରେସନ

ପାକିସ୍ତାନକୁ ତଥ୍ୟ ଦେବା ମାମଲାରେ ଜାତୀୟ ତଦନ୍ତକାରୀ ସଂସ୍ଥା ଏନ୍‌ଆଇଏ ୮ଟି ରାଜ୍ୟର ୧୫ଟି ସ୍ଥାନରେ ଚଢ଼ଉ କରିଛି । ପାକିସ୍ତାନର ଗୁଇନ୍ଦା ପରିଚାଳନା ସଂସ୍ଥା ସହ ସନ୍ଦେହଜନକ ଭାବେ ସମ୍ପର୍କ ରଖିଥିବା ଅଭିଯୋଗରେ ଦିଲ୍ଲୀ, ମୁମ୍ବାଇ, ହରିୟାଣା, ଉତ୍ତରପ୍ରଦେଶ, ରାଜସ୍ଥାନ, ଛତିଶଗଡ, ଆସାମ ଏବଂ ପଶ୍ଚିମବଙ୍ଗରେ ଏହି ଚଢ଼ଉ କରାଯାଇଛି । ଚଢ଼ଉ ସମୟରେ

ଏନ୍‌ଆଇଏ ବିଭିନ୍ନ ଇଲେକ୍ଟ୍ରୋନିକ ଉପକରଣ ଓ ଅର୍ଥନୈତିକ କାରବାର ସମ୍ପର୍କିତ ଦସ୍ତାବିଜ୍ ହାସଲ କରିବାରେ ସକ୍ଷମ ହୋଇଛି । ଏଥିରେ ସଂପୃକ୍ତ ବ୍ୟକ୍ତିବିଶେଷ ଭାରତରେ ରହି ପାକିସ୍ତାନର ଗୁଇନ୍ଦା ସଂସ୍ଥାଗୁଡ଼ିକ ସହ ଅର୍ଥନୈତିକ କାରବାରରେ ଜଡିତ ଥିବା କୁହାଯାଇଛି । ଏନ୍‌ଆଇଏ ପକ୍ଷରୁ ୨୦୨୩ରୁ ଏଭଳି କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିବିଶେଷଙ୍କ ବିରୁଦ୍ଧରେ ମାମଲା ଦାୟର କରାଯାଇଥିଲା ।

## ଅଲ୍ ପାର୍ଟି ଡେଲିଗେସନ

ଭାରତର ଆତଙ୍କବାଦ ବିରୋଧୀ ଆଭିମୁଖ୍ୟ ସମ୍ପର୍କରେ ବିଶ୍ୱକୁ ଅବଗତ କରାଇବା ଲାଗି ୭ଟି ବହୁଦଳୀୟ ସଂସଦୀୟ ପ୍ରତିନିଧି ଦଳ ବିଭିନ୍ନ ଦେଶ ଗସ୍ତ କରିଛନ୍ତି । ଇଥିଓପିଆ ଗସ୍ତରେ ଥିବା ସାଂସଦ ସୁପ୍ରିୟା ସୁଲେଙ୍କ ନେତୃତ୍ୱାଧୀନ ପ୍ରତିନିଧି ଦଳ ସେଠାକାର ଆଇନ୍ ପ୍ରଣୟନକାରୀ ଏବଂ ଆଫ୍ରିକୀୟ ସଂଘର ମୁଖ୍ୟଙ୍କ ସହ ଆଲୋଚନା କରିଛନ୍ତି । କ୍ରମାଗତ ସୀମାପାର ଆତଙ୍କବାଦ ନେଇ ଭାରତର ପଦକ୍ଷେପ ସମ୍ପର୍କରେ ଇଥିଓପିଆର ପ୍ରତିପକ୍ଷଙ୍କୁ ଅବଗତ କରାଯାଇଛି । ଅପରେସନ ସିନ୍ଦୂର ଜରିଆରେ ଭାରତ ତା'ର ଆତଙ୍କବାଦ ବିରୋଧୀ ନୀତି ସ୍ୱଷ୍ଟ କରିଛି । ଇଥିଓପିଆ ପକ୍ଷରୁ ଭାରତର ଆଭିମୁଖ୍ୟକୁ ସମର୍ଥନ କରାଯାଇଛି । ଏହି ଅବସରରେ ଇଥିଓପିଆରେ ବସବାସ କରୁଥିବା ଭାରତୀୟଙ୍କ ସହ ପ୍ରତିନିଧି ଦଳ ଆଲୋଚନା କରିଛନ୍ତି । ଆଲୋଚନା କାଳରେ ପ୍ରଥମେ ଦେଶ ଏବଂ ପରେ ଅନ୍ୟ କିଛି ବୋଲି ମତପ୍ରକାଶ ପାଇଛି ।

ସାଂସଦ ରବିଶଙ୍କର ପ୍ରସାଦଙ୍କ ନେତୃତ୍ୱାଧୀନ ଅନ୍ୟଏକ ଦଳ ଫ୍ରାନ୍ସ, ଇଟାଲୀ ଓ ଡେନ୍‌ମାର୍କ ଗସ୍ତ ଶେଷକରି ଲଣ୍ଡନରେ ପହଞ୍ଚିଛନ୍ତି । ଗଣମାଧ୍ୟମ ସହ ଆଲୋଚନା କରି ରବିଶଙ୍କର ପ୍ରସାଦ କହିଛନ୍ତି ପ୍ରତିନିଧି ଦଳ ଭାରତର ଆଭିମୁଖ୍ୟକୁ ସ୍ପଷ୍ଟଭାବେ ସେମାନଙ୍କ ପ୍ରତିପକ୍ଷକୁ ଜଣାଇଛନ୍ତି । ଫ୍ରାନ୍ସ, ଇଟାଲୀ ଏବଂ ଡେନ୍‌ମାର୍କ ପକ୍ଷରୁ ଭାରତକୁ ସମର୍ଥନ ମିଳିଛି ସେହିପରି ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱାଦୀନ ପ୍ରତିନିଧି ଦଳ ଆଲ୍‌ଜେରିଆ ଗସ୍ତ କରି ପ୍ରବାସୀ ଭାରତୀୟଙ୍କ ସହ କଥା ହୋଇଛନ୍ତି । ପାକିସ୍ତାନ ସମର୍ଥିତ ଆତଙ୍କୀ ଆକ୍ରମଣରେ ପହଲଗାମରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା ।

ସାଂସଦ କାନିମୋଇ କରୁଣାନିଧିଙ୍କ ନେତୃତ୍ୱାଧୀନ ଦଳ ମାଡ୍ରିଦ ଗସ୍ତ କରି ଭାରତର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଛନ୍ତି ।

## ବିଶ୍ୱ ଦୁଗ୍ଧ ଦିବସ

ସାରା ବିଶ୍ୱରେ ଆଜି ଦୁଗ୍ଧ ଦିବସ ପାଳନ କରାଯାଉଛି । ଦୁଗ୍ଧ କୋଟି କୋଟି ଲୋକଙ୍କର ଜୀବନ-ଜୀବିକା ଏବଂ ଆହାର ଭାବରେ ବିବେଚନା କରାଯାଏ । ପ୍ରତିବର୍ଷ ଦୁଗ୍ଧଜାତ ଦ୍ରବ୍ୟ ୨ ପ୍ରତିଶତ ହାରରେ ବୃଦ୍ଧି ପାଉଛି । କିନ୍ତୁ ଭାରତରେ ଏହି ହାର ୫ ଦଶମିକ ୭ ପ୍ରତିଶତ ଅଭିବୃଦ୍ଧି ପାଇ ଏକ ଉଲ୍ଲେଖନୀୟ ରେକର୍ଡ ହାସଲ କରିଛି । ଭାରତକୁ ବିଶ୍ୱର ଦୁଗ୍ଧ ଉତ୍ପାଦନର

ଏକ ପ୍ରମୁଖ ରାଷ୍ଟ୍ର ଭାବେ ବିବେଚନା କରାଯାଏ । ଭାରତରେ ବାର୍ଷିକ ୨ଶହ ଅଣଚାଳିଶ ମିଲିୟନ ଟନ୍ ଦୁଗ୍ଧ ଉତ୍ପାଦିତ ହୁଏ । ବିଶ୍ୱର ଏକ ଚତୁର୍ଥାଂଶ ଦୁଗ୍ଧଜାତ ଦ୍ରବ୍ୟ ଭାରତ ଉତ୍ପାଦନ କରିଥାଏ । ଦୁଗ୍ଧ ଉତ୍ପାଦନ କ୍ଷେତ୍ରରେ ଗୁଜୁରାଟ ଦେଶର ପ୍ରଥମ ସ୍ଥାନରେ ଥିବାବେଳେ ଏଠାରେ ବାର୍ଷିକ ୧୮ ମିଲିୟନ ଟନ୍ ଦୁଗ୍ଧ ଉତ୍ପାଦିତ ହେଉଥିବା ଜଣାଯାଉଛି ।

## କର୍କଟ ବିଜୟୀ ଦିବସ

କର୍କଟ ରୋଗର କାରଣ ଏବଂ ଏହାର ମୁକାବିଲା ଦିଗରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ଜାତୀୟ କର୍କଟ ବିଜୟୀ ଦିବସ ପାଳନ କରାଯାଉଛି । ୧୯୮୮ ମସିହାରୁ ପ୍ରତିବର୍ଷ ଜୁନ୍ ମାସ ପ୍ରଥମ ରବିବାରରେ ଏହି ଦିବସ ପାଳିତ ହୋଇଆସୁଛି । ଉପଯୁକ୍ତ ସମୟରେ ରୋଗ ଚିହ୍ନଟ ଏବଂ ଚିକିତ୍ସା କରାଗଲେ କର୍କଟ ରୋଗକୁ ପରାଜିତ କରାଯାଇପାରିବ । ଭାରତୀୟ ଚିକିତ୍ସା ଅନୁସନ୍ଧାନ ପରିଷଦର  ଆକଳନ ଅନୁଯାୟୀ ବିଶ୍ୱବ୍ୟାପୀ କର୍କଟ ରୋଗୀ ସଂଖ୍ୟା ତାଲିକାରେ ଭାରତ ତୃତୀୟ ସ୍ଥାନରେ ରହିଛି । ଏହି ରୋଗକୁ ପ୍ରତିହତ କରିବାକୁ ହେଲେ ସଚେତନତା ଜରୁରୀ । ଏହି ଅବସରରେ ଆଜି ବିଭିନ୍ନ ସ୍ଥାନରେ କେତେକ ସଚେତନତାମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି ।

## ପାକିସ୍ତାନ-ବିଏଲ୍ଏ

ପାକିସ୍ତାନରେ ବଲୋଚ ଲିବରେସନ ଆର୍ମି ସମ୍ପୂର୍ଣ୍ଣ ଭାବେ ସୁରାବସିଟିକୁ ନିଜ ଅକ୍ତିଆରକୁ ନେଇଛି । ସେଠାକାର ସାମରିକ, ପ୍ରଶାସନିକ ଏବଂ ଅର୍ଥନୈତିକ କାର୍ଯ୍ୟକଳାପ ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇ ପଡିଥିବା କୁହାଯାଇଛି । ବଲୋଚ ଲିବରେସନ ଆର୍ମିର ମୁଖପାତ୍ର ଜିୟାଙ୍ଗ ବଲୋଚ କହିଛନ୍ତି ପ୍ରାୟ ୩ଘଣ୍ଟା ଧରି ଉଭୟପକ୍ଷ ମଧ୍ୟରେ ସଂଘର୍ଷ ଘଟିବା ପରେ ବଲୋଚ ଅଞ୍ଚଳର ପୋଲିସ ଷ୍ଟେସନ, ଡେପୁଟୀ କମିଶନର କାର୍ଯ୍ୟାଳୟ, ଗେଷ୍ଟ ହାଉସ୍, ବ୍ୟାଙ୍କ ଏବଂ ସାମରିକ କେନ୍ଦ୍ରଗୁଡ଼ିକୁ ଅକ୍ତିଆର କରାଯାଇଛି । ବଲୋଚସ୍ତାନ ଲୋକମାନେ ପାକିସ୍ତାନଠାରୁ ଅଲଗା ହୋଇ ସ୍ୱତନ୍ତ୍ର ରାଜ୍ୟ ଗଠନ ନିମନ୍ତେ ସଂଗ୍ରାମ କରିଆସୁଛନ୍ତି । ସଂପୃକ୍ତ ଅଞ୍ଚଳରେ ପାକିସ୍ତାନ ସେନା ପକ୍ଷରୁ ଲୋକମାନଙ୍କୁ ଅକଥନୀୟ ନିର୍ଯ୍ୟାତନା ଦିଆଯାଉଥିବା ଜଣାପଡିଛି ।

## ସ୍ପେଶାଲ ଫିଚର-ପରମବୀର ଚକ୍ର

ଅପରେସନ ସିନ୍ଦୂରର ସଫଳତା ପରେ ଦେଶ ତା'ର ବୀର ଜବାନମାନଙ୍କୁ ସମ୍ମାନ ପ୍ରଦର୍ଶନ କରୁଛି । ଏହି ଅବସରରେ ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ ପରମବୀର ଚକ୍ର ବିଜେତାମାନଙ୍କ ସାହସିକ କାର୍ଯ୍ୟକୁ ଉପସ୍ଥାପନ କରାଯାଉଛି। ଆଜି ଆସନ୍ତୁ ଶୁଣିବା ପରମବୀର ଚକ୍ର ବିଜେତା ଲାନ୍ସ ନାଏକ କରମ ସିଂହଙ୍କ ବିଷୟରେ । ୧୯୪୭-୪୮ ଭାରତ-ପାକ୍ ଯୁଦ୍ଧ ସମୟରେ ସେ ଅଦମ୍ୟ ସାହସ ପ୍ରଦର୍ଶନ କରିଥିଲେ ।

୧୯୧୫ ମସିହାରେ ପଞ୍ଜାବରେ ଜନ୍ମଗ୍ରହଣ କରିଥିବା ଲାନ୍ସ ନାଏକ କରମ ସିଂହ’ ୧୯୪୧ ମସିହାରେ ପ୍ରଥମ ଶିଖ ରେଜିମେଣ୍ଟରେ ଯୋଗ ଦେଇଥିଲେ । ୧୯୪୮ ଭାରତ-ପାକିସ୍ତାନ ଯୁଦ୍ଧ ସମୟରେ ତୀଥୱାଲଠାରେ ଲାନ୍ସ ନାଏକ କରମ ସିଂହ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଅକ୍ଟୋବର ୧୩ ରାତିରେ ସେ କାର୍ଯ୍ୟ କରୁଥିବା ଆଉଟ୍‌ପୋଷ୍ଟରେ ଶତ୍ରୁପକ୍ଷରୁ ଭୀଷଣ ଆକ୍ରମଣ କରାଯାଇଥିଲା । ଅସ୍ତ୍ରଶସ୍ତ୍ର କମ୍ ଥିବା ସତ୍ତ୍ୱେ ଲାନ୍ସ ନାଏକ କରମ ସିଂହ ୮ଟି ଆକ୍ରମଣର ଦୃଢ଼ ଜବାବ ଦେଇଥିଲେ । ଫଳରେ ଶତ୍ରୁପକ୍ଷ ପଛଘୁଞ୍ଚା ଦେଇଥିଲା ।

ସେ ଦୁଇଦୁଇଥର ଆଘାତପ୍ରାପ୍ତ ହୋଇଥିଲେ ମଧ୍ୟ ସେହି ସ୍ଥାନରେ ରହି ଶତ୍ରୁପକ୍ଷର ମୁକାବିଲା କରିଥିଲେ । ନିଜ ବନ୍ଧୁକ ବାୟୋନେଟ୍‌ରେ ସେ ୨ଜଣ ଶତ୍ରୁପକ୍ଷ ଜବାନଙ୍କୁ ହତ୍ୟା କରିଥିଲେ । ଲାନ୍ସ ନାଏକ କରମ ସିଂହଙ୍କ ଏଭଳି ଦୁଃସାହସିକ ପଦକ୍ଷେପ ଶତ୍ରୁପକ୍ଷ ଉପରେ ଗଭୀର ପ୍ରଭାବ ପକାଇଥିଲା । ଏହି ସାହସିକ କାର୍ଯ୍ୟ ପାଇଁ ଲାନ୍ସ ନାଏକ କରମ ସିଂହଙ୍କୁ ପରମବୀର ଚକ୍ର ସମ୍ମାନରେ ସମ୍ମାନିତ କରାଯାଇଥିଲା ।

# ଆଇପିଏଲ୍

ଆଇପିଏଲ୍ ଟି-୨୦ କ୍ରିକେଟ ସିରିଜ୍‌ର ଯୋଗ୍ୟତା ପର୍ଯ୍ୟାୟର ଦ୍ୱିତୀୟ ମ୍ୟାଚ୍‌ରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଏବଂ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ମୁକାବିଲା

ହେବ । ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମରେ ଆଜି ସଂଧ୍ୟା ୭ଟା ୩୦ ମିନିଟ୍‌ରେ ମ୍ୟାଚ୍ ଅନୁଷ୍ଠିତ ହେବ । ଆଜି ମ୍ୟାଚ୍‌ର ବିଜେତା ଆସନ୍ତା ମଙ୍ଗଳବାର ଦିନ ରହିଥିବା ଫାଇନାଲ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ସହ ମୁକାବିଲା କରିବ । ଆଇପିଏଲ୍‌ରେ ଏପର୍ଯ୍ୟନ୍ତ ମୁମ୍ବାଇ ଇଣ୍ଡିଆନ୍ସ ୫ଥର ଟାଇଟଲ ହାସଲ କରିଛି । ପୂର୍ବ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍‌ସକୁ ୬ ୱିକେଟ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପରାସ୍ତ କରିଥିଲା । ମୁମ୍ବାଇ ଇଣ୍ଡିଆନ୍ସ ୨୦ରନ୍‌ରେ ଗୁଜୁରାଟ ଟାଇଟନ୍ସକୁ ପରାସ୍ତ କରିବା ପରେ ଯୋଗ୍ୟତା ପର୍ଯ୍ୟାୟର ଦ୍ୱିତୀୟ ମ୍ୟାଚ୍‌କୁ ଉନ୍ନୀତ ହୋଇଥିଲା ।